# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23rd December - 2024

### News Editor : *Tapan Kumar Maharana*

*********************************

## ମୁଖ୍ୟ ସମ୍ବାଦ

- ଆଭାସୀ ଜରିଆରେ ୭୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବର୍ଣ୍ଟନ କଲେ ପ୍ରଧାନମନ୍ତ୍ରୀ ।

- ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବ ଓଡ଼ିଶା; କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।

- କାଠଯୋଡ଼ି ନଦୀ ଉପରେ ଆଉ ଦୁଇଟି ପୋଲ ନିର୍ମାଣ ପ୍ରସ୍ତାବ ରହିଥିବା ସୂଚନା ଦେଲେ ଆଇନମନ୍ତ୍ରୀ ।

ଏବଂ

- ଓଡ଼ିଶା ହାଇକୋର୍ଟ ପରିସରରେ ମଧୁସୂଦନ ଦାସ ବିଚାରପତି ପାଠାଗାର ଉଦ୍‌ଘାଟିତ ।

*Desk*

# ପି.ଏମ୍. - ରୋଜଗାର ମେଳା

ଦେଶର ଯୁବବର୍ଗଙ୍କ ପାଇଁ ଗତ ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ୧୦ ଲକ୍ଷ ସରକାରୀ ଚାକିରି ସୃଷ୍ଟି କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆଜି ୭୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ବର୍ଣ୍ଟନ କରିଛନ୍ତି । ଏହି ଅବସରରେ  ପ୍ରଧାନମନ୍ତ୍ରୀ  କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ମନ୍ତ୍ରଣାଳୟ ବିଭାଗ ତଥା ସଂସ୍ଥାରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଅଭିଯାନ ଜାରି ରହିଛି। ଗୋଟିଏ ଦେଶର ବିକାଶ ଯୁବଶକ୍ତିର ଶ୍ରମ, ସାମର୍ଥ୍ୟ ଓ ନେତୃତ୍ୱ ଉପରେ ନିର୍ଭର କରେ। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସଂକଳ୍ପକୁ ପୂରଣ କରିବାରେ ଯୁବପିଢ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସୂଚନା ଅନୁସାରେ, ଦେଶର ୪୫ଟି ସ୍ଥାନରେ ରୋଜଗାର ମେଳା ଅନୁଷ୍ଠିତ ହୋଇଛି । ନବନିଯୁକ୍ତମାନେ କେନ୍ଦ୍ର ଗୃହ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭାଗରେ ନିଯୁକ୍ତି ପାଇଛନ୍ତି।

*IPR*

# ନିଯୁକ୍ତି ମେଳା

ଭୁବନେଶ୍ୱରରେ ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ - ଇ.ଏସ୍.ଆଇ.ଆର୍.ରେ ଅନୁଷ୍ଠିତ ରୋଜଗାର ମେଳାରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି କ୍ରମରେ ମୁଖ୍ୟ ଅତିଥି ଶ୍ରୀ ହରିଚନ୍ଦନ ୪୦୧ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ । ଏଥିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନର ମୁଖ୍ୟମାନେ ଉପସ୍ଥିତ ଥିଲେ ।

*BBSR/R*

# ସୌରଶକ୍ତି ସମ୍ମିଳନୀ

ଓଡ଼ିଶା ଆଗାମୀ ଦିନରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଆଜି ଗ୍ରୀଡ୍‌କୋ ଏବଂ ଆଇ. ଫରେଷ୍ଟ୍‌ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ନିବେଶକଙ୍କ ପାଇଁ ଓଡ଼ିଶାର ଜଳବାୟୁ ଅନୁକୂଳ ରହିଛି ଏବଂ ରାଜ୍ୟ ସରକାର ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବେ । ସେ

କହିଛନ୍ତି, ୨୦୨୫ ଡିସେମ୍ବର ସୁଦ୍ଧା ରାଜ୍ୟରେ ୩ ଲକ୍ଷ ଲୋକଙ୍କ ଘରେ ରୁଫ୍ ଟପ୍ ସୋଲାର ଲଗାଯିବ । ବର୍ତ୍ତମାନ ସୁଦ୍ଧା ଏଥିଲାଗି ୧ ଲକ୍ଷ ୫୦ ହଜାର ଆବେଦନ ଆସିଥିବା ସେ କହିଛନ୍ତି । ୨୦୩୦ ମସିହା ସୁଦ୍ଧା ରାଜ୍ୟରେ ୭ ଦଶମିକ ୫ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତା ଦର୍ଶାଉଛି ।

***Cuttack/R***

## ରେଳ ଓଭର ବ୍ରିଜ୍

କଟକ ନୂଆବଜାର ଗୋଶାଳା ସ୍ଥିତ ୫ ଶହ ମିଟର ଲମ୍ବ ରେଳ ଓଭର୍ ବ୍ରିଜ୍‌ର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, କଟକ ସହରରେ ଭିଡ଼ କମାଇବା ପାଇଁ କାଠଯୋଡ଼ି ନଦୀ ଉପରେ ଆଉ ଦୁଇଟି ପୋଲ ନିର୍ମାଣ ହେବ । ଜୁଡ଼ିସିଆଲ୍ ଏକାଡେମୀଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ୪ଥାକିଆ ରାସ୍ତା ଏବଂ ଜୁଡ଼ିସିଆଲ୍ ଏକାଡେମୀରୁ ଯୋବ୍ରା ପର୍ଯ୍ୟନ୍ତ ଛଅଥାକିଆ ରାସ୍ତା କରାଯିବ । ଅନ୍ୟପକ୍ଷରେ ଆସନ୍ତାବର୍ଷ ନଭେମ୍ବର ମାସ ସୁଦ୍ଧା ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ଦ୍ୱିତୀୟ କ୍ୟାମ୍ପସ୍ କାର୍ଯ୍ୟ ଶେଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

***Voice*** :...........

*IPR*

# ସଡ଼କ ସୁରକ୍ଷା

ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସ ଦିଗରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ଭୁବନେଶ୍ୱର ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ବିକଶିତ ଓଡ଼ିଶା ପାଇଁ ନିରାପଦ ଯାତ୍ରା ଓ ସଡ଼କ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଏହାକୁ ଆହୁରି ବ୍ୟାପକ କରିବାକୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓ ଆଇ.ଆଇ.ଟି. ମାଡ୍ରାସ୍ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହାଫଳରେ ତୃଣମୂଳ ସ୍ତରରୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ସହ ସଡ଼କ ସୁରକ୍ଷାର ତଦାରଖ ଓ କାର୍ଯ୍ୟାନୁଷ୍ଠାନ, ଇଞ୍ଜିନିୟରିଂ, ଜରୁରୀକାଳୀନ ପ୍ରଯତ୍ନ ଏବଂ ମାନବିକ ଦିଗକୁ ପ୍ରାଧାନ୍ୟ ଦିଆଯାଇପାରିବ ।

*HS*

# ପୂର୍ବୋଦୟ ମିଶନ

ପୂର୍ବୋଦୟ ମିଶନରେ ପାରାଦ୍ୱୀପ 'ବିକାଶ ଦ୍ୱୀପ' ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଆଜି ପାରାଦ୍ୱୀପରେ ଆୟୋଜିତ

କାର୍ଯ୍ୟକର୍ତ୍ତା ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି, ପାରାଦ୍ୱୀପ ବନ୍ଦର କ୍ରମାଗତ ଭାବେ ୧୦୦ ମିଲିୟନ୍ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ବୃହତ୍ତମ ବନ୍ଦର ଭାବେ ପରିଚୟ ହାସଲ କରିଛି । ଆଗାମୀ ଦିନରେ ପାରାଦ୍ୱୀପରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି ।

***IPR***

# ପାଣି ପଞ୍ଚାୟତ ପକ୍ଷ

ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ପାଣି ପଞ୍ଚାୟତ ପକ୍ଷ-୨୦୨୫ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୩୬ଟି ଡିଭିଜନରେ ମଣ୍ଡଳସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହେଉଛି । ଆସନ୍ତା ୨୯ ତାରିଖରେ ଜିଲ୍ଲାସ୍ତରୀୟ ଏବଂ ଜାନୁୟାରୀ ୫ ତାରିଖରେ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ, ରାଜ୍ୟରେ ଅଣଚାଳିଶ ହଜାରରୁ ଅଧିକ ପାଣି ପଞ୍ଚାୟତ ଭାଗିଦାରୀମୂଳକ ଜଳ ପରିଚାଳନା କରୁଛନ୍ତି । ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ମହିଳା, ମତ୍ସ୍ୟଜୀବୀ ଓ ଜଳ ଉପଭୋକ୍ତାଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି । ୨୦୨୮-୨୯ ଆର୍ଥିକ ବର୍ଷ ସୁଦ୍ଧା ୮୦ ହଜାର ହେକ୍ଟର ଅଞ୍ଚଳରେ ପୁନଃ ନିର୍ମାଣ ପାଇଁ ୧ ହଜାର ୩୩୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ଜଣାପଡ଼ିଛି ।

***Baragarh, Nuapada, Ganjam, Sambalpur,***

*Sonepur, Puri/R*

# ଜନ ଅଭିଯୋଗ ଶୁଣାଣି

ବରଗଡ଼ ଜିଲ୍ଲା ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଯୋଗଦେଇ ୯୩ଟି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ନୂଆପଡ଼ା ଜିଲ୍ଲା ବୋଡେନ୍ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ମୋଟ ୯୦ଟି ଅଭିଯୋଗ ଶୁଣାଣି କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାସ ନିର୍ଦ୍ଦେଶ ଦେଇଛନ୍ତି ।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣିରେ ୫୮ଟି ଅଭିଯୋଗ ମଧ୍ୟରୁ ୫ଟିର ତ୍ୱରିତ ସମାଧାନ କରାଯାଇଥିଲା । ଶିବିରରେ ୨ ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି ।

ସେହିପରି ସମ୍ବଲପୁର ନାକଟିଦେଉଳ ବ୍ଲକ୍‌ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୯୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲା ନିର୍ଦ୍ଦେଶ ଦେଇଥିଲେ ।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରଠାରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିରରେ ଅଣଚାଶଟି ଅଭିଯୋଗର ସମାଧାନ କରାଯାଇଛି ।

ପୁରୀ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ୬୫ଟି ଅଭିଯୋଗ ମଧ୍ୟରୁ ୮ଟିର ତତ୍କାଳ ସମାଧାନ କରାଯାଇଥିବା ଜଣାଯାଇଛି ।

***Deogarh/R***

## ଯକ୍ଷ୍ମା ନିରାକରଣ

ଦେଶରୁ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ସଫଳ କରିବା ପାଇଁ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ **ରାୟଗଡ଼ା** ଜିଲ୍ଲାରେ ଆରମ୍ଭ ହୋଇଛି । ଜିଲ୍ଲାରେ ଥିବା ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା କରାଯାଉଛି । ଏ ସମ୍ପର୍କରେ ମୁନିଗୁଡ଼ା ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ କୁମାର ପଣ୍ଡା ଆକାଶବାଣୀକୁ କହିଛନ୍ତି :

***Voice*** :..................

***Dhenkanal/R***

## ଦଣ୍ଡାଧାର - ପର୍ଯ୍ୟଟନସ୍ଥଳୀ

ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ୍ ଅନ୍ତର୍ଗତ ଦଣ୍ଡାଧାର ପର୍ଯ୍ୟଟନସ୍ଥଳୀକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଲୋକାର୍ପଣ କରିଛନ୍ତି । ପର୍ଯ୍ୟଟନ ସ୍ଥଳୀରେ ୫ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ

ନବୀକରଣ କରାଯାଇ ପାର୍କିଂ ବ୍ୟବସ୍ଥା, ଶିଶୁ କ୍ରୀଡ଼ା କ୍ଷେତ୍ର, ଫୁଡ୍ ପ୍ଲାଜା ଆଦି ନିର୍ମାଣ କରାଯାଇଛି । ଏହାର ବିକାଶ ଫଳରେ ସ୍ଥାନୀୟ ଜନସାଧାରଣଙ୍କ ଆର୍ଥିକ କ୍ଷେତ୍ରରେ ବିକାଶ ଘଟିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ଏଥିସହ ସୁଭଦ୍ରା ଯୋଜନାରୁ ଜଣେ ହେଲେ ହିତାଧିକାରୀଙ୍କୁ ବଞ୍ଚିତ କରାଯିବ ନାହିଁ ବୋଲି କହିବା ସହ ମହିଳା ସଶକ୍ତୀକରଣଦ୍ୱାରା ରାଜ୍ୟର ଦ୍ରୁତ ବିକାଶ ସମ୍ଭବ ବୋଲି କହିଛନ୍ତି ।

***Cuttack/R***

# ହାଇକୋର୍ଟ ପାଠାଗାର

ଓଡ଼ିଶା ହାଇକୋର୍ଟ ପରିସରରେ ଆଜି ମଧୁସୂଦନ ଦାସ ବିଚାରପତି ପାଠାଗାର ଉଦ୍‌ଘାଟିତ ହୋଇଛି । ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଏହାକୁ ଉଦ୍‌ଘାଟନ କରିଛନ୍ତି । ପୁନରୁଦ୍ଧାର ହୋଇଥିବା ଏହି ପାଠାଗାରରେ ୫୦ ହଜାରରୁ ଅଧିକ ଆଇନ ପୁସ୍ତକ ରହିଛି । ହାଇକୋର୍ଟର ଆଇନଜୀବୀ ଓ ବିଚାରପତିଙ୍କ ପାଇଁ ଏହି ପାଠାଗାର ସହାୟକ ହେବ ବୋଲି ପାଠାଗାର କମିଟିର ଅଧ୍ୟକ୍ଷ ତଥା ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ କହିଛନ୍ତି ।

## ଖ୍ରୀଷ୍ଟୀୟ ନବବର୍ଷ

ଆଗାମୀ ବଡ଼ ଦିନ ଏବଂ ଖ୍ରୀଷ୍ଟୀୟ ନବବର୍ଷରେ ପୁରୀରେ ବ୍ୟାପକ ଭିଡ଼କୁ ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତା ୩୧ ତାରିଖରେ ଜିରୋ ନାଇଟ୍ ସେଲିବ୍ରେସନ୍ ବେଳେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକଙ୍କୁ ସୁରକ୍ଷିତ ସ୍ନାନ ବ୍ୟବସ୍ଥା ଯୋଗାଇବା ଲକ୍ଷ୍ୟରେ ପର୍ଯ୍ୟାପ୍ତ ପରିମାଣର ଲାଇଫ୍ ଗାର୍ଡ ମୁତୟନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ମାର୍କେଟ ଛକ ପର୍ଯ୍ୟନ୍ତ ବାରିକେଡ ବ୍ୟବସ୍ଥା କରାଯିବ । ନୂଆବର୍ଷରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ପରୀକ୍ଷାମୂଳକ ଭାବେ ଆସନ୍ତା ୩୦ ଏବଂ ୩୧ ତାରିଖରେ ଏହି ବ୍ୟବସ୍ଥାକୁ ଲାଗୁ କରାଯିବ ବୋଲି ସେ କହିଛନ୍ତି ।***Puri/R***

## ପ୍ରବାସୀ ଭାରତୀୟ ଦିବସ

ପୁରୀରେ ଆସନ୍ତା ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ନିମନ୍ତେ ପୁଲିସ୍ ପ୍ରଶାସନ ପକ୍ଷରୁ ହୋଟେଲ୍ ସଂଘ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁଯାୟୀ,

ଏହି ଉତ୍ସବରେ ଯୋଗଦେବାକୁ ପ୍ରତିନିଧିମାନଙ୍କ ପାଇଁ ୫୧ଟି ହୋଟେଲ୍‌ରେ ସ୍ଲଟ ବୁକିଂ ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ୧ ହଜାର ୫ ଶହରୁ ଊର୍ଦ୍ଧ୍ୱ ସ୍ଲଟ୍ ଖୋଲା ରଖାଯାଇଛି । ସ୍ୱତନ୍ତ୍ର ଆପ୍ ଜରିଆରେ କେଉଁ ହୋଟେଲ୍‌ରେ କେଉଁ ପର୍ଯ୍ୟଟକ ରହୁଛନ୍ତି ଓ ସେମାନଙ୍କ ବିଷୟରେ ସମ୍ପୂର୍ଣ୍ଣ ସୂଚନା ରଖାଯିବ ବୋଲି ଜଣାପଡ଼ିଛି । ଏହାଛଡ଼ା ପ୍ରବାସୀ ଭାରତୀୟମାନଙ୍କ ପାଇଁ ଟ୍ରାଫିକ୍ ବ୍ୟବସ୍ଥା, ଶ୍ରୀମନ୍ଦିର ଦର୍ଶନ ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର, ରଘୁରାଜପୁର, ସାତପଡ଼ା ଇକୋ ରିଟ୍ରିଟ୍ ପରିଭ୍ରମଣ ନେଇ ବ୍ୟବସ୍ଥା କରାଯାଇଛି । ଆତିଥେୟତା ପାଇଁ ସମସ୍ତ ସୁବିଧା ସହ ବ୍ୟାପକ ମାତ୍ରାରେ ପୁଲିସ୍ ଫୋର୍ସ ମୁତୟନ କରାଯିବ ବୋଲି ପୁରୀ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ୍ କହିଛନ୍ତି ।

*****